# NATIONAL NEWS BULLETIN (ODIA)
## 11 October - 2025
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଏବଂ ଡାଲି କ୍ଷେତ୍ରରେ ଆତ୍ମନିର୍ଭରତା ମିଶନ ଚାଷୀଙ୍କ ଭାଗ୍ୟରେ ପରିବର୍ତ୍ତନ ଆଣିବ; କହିଲେ ପ୍ରଧାନମନ୍ତ୍ରୀ
- ଆମେରିକା ରାଷ୍ଟ୍ରଦୂତଙ୍କ ସହ ବୈଦେଶିକ ମନ୍ତ୍ରୀ' ଦ୍ୱିପାକ୍ଷିକ ସମ୍ପର୍କ ଓ ବିଶ୍ୱସ୍ତରୀୟ ଗୁରୁତ୍ୱ ନେଇ କଲେ ଆଲୋଚନା
- ଉତ୍ତର କୋରିଆର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ହ୍ୱାସଙ୍ଗ-୨୦ ଉନ୍ମୋଚିତ

ଏବଂ

- ଭାରତ-ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଦିନରେ ୱେଷ୍ଟଇଣ୍ଡିଜ୍ ୪ ୱିକେଟ୍ ବିନିମୟରେ ସଂଗ୍ରହ କରିଛି ୧୪୦ ରନ୍

# ପିଏମ୍-ଏଗ୍ରି ସେକ୍ଟର ସ୍କିମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଏବଂ ଡାଲି କ୍ଷେତ୍ରରେ ଆତ୍ମନିର୍ଭରତା ମିଶନ୍' ଦେଶର ଲକ୍ଷ ଲକ୍ଷ ଚାଷୀଙ୍କ ଭାଗ୍ୟରେ ପରିବର୍ତ୍ତନ ଆଣିବ। ଶ୍ରୀ ମୋଦୀ କହିଛନ୍ତି, ଏହି ଯୋଜନାରେ ଆତ୍ମନିର୍ଭରଶୀଳତା, ଗ୍ରାମୀଣ ସଶକ୍ତିକରଣ ଏବଂ କୃଷି ନବସୃଜନର ଏକ ନୂତନ ଯୁଗ ଆରମ୍ଭ କରିବା ପାଇଁ ରୂପରେଖ ପ୍ରସ୍ତୁତ କରାଯାଇଛି। ଦେଶର କୃଷି ବ୍ୟବସ୍ଥାରେ ଦ୍ରୁତ ବିକାଶ ଏବଂ ସଂସ୍କାର ଆଣିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଥିଲେ। ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀରେ ୪୨ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅନେକ ପ୍ରକଳ୍ପ ଏବଂ ଯୋଜନାର ଉଦଘାଟନ ଓ ଶିଳାନ୍ୟାସ କରିବା ପରେ ଆୟୋଜିତ ଏକ ଜନସମାବେଶକୁ ସମ୍ବୋଧିତ କରି ଏହା କହିଛନ୍ତି।

**V/O– PM-ON-AATM-NIRBHARTA**

ଏନ.ଡି.ଏ ଶାସନକାଳରେ ହୋଇଥିବା ସଫଳତା ସମ୍ପର୍କରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, ଗତ ଏଗାର ବର୍ଷ ମଧ୍ୟରେ ଦେଶର କୃଷି ରପ୍ତାନୀ ପ୍ରାୟ ଦ୍ୱିଗୁଣିତ ହୋଇଛି। ସେହିପରି ଖାଦ୍ୟ-ଶସ୍ୟ ଉତ୍ପାଦନ ମଧ୍ୟ ପ୍ରାୟ ୯୦ ନିୟୁତ ମେଟ୍ରିକ୍ ଟନ୍ ବୃଦ୍ଧି ପାଇଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ଏହିସବୁ ବର୍ଷଗୁଡ଼ିକରେ ଫଳ ଓ ପନିପରିବା ଉତ୍ପାଦନ ୬୪୦ ଲକ୍ଷ ମେଟ୍ରିକ୍ ଟନ୍‌ରୁ ଅଧିକ ବୃଦ୍ଧି ପାଇଛି। ଦେଶ ଆଜି କ୍ଷୀର

ଉତ୍ପାଦନରେ ବିଶ୍ୱରେ ପ୍ରଥମ ସ୍ଥାନରେ ରହିଛି ଏବଂ ଏହା ବିଶ୍ୱ ସ୍ତରରେ ଦ୍ୱିତୀୟ ବୃହତ୍ତମ ମତ୍ସ୍ୟ ଉତ୍ପାଦନକାରୀ ରାଷ୍ଟ୍ର ହୋଇପାରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ଦେଶରେ ଛଅଟି ନୂତନ ସାର କମ୍ପାନୀ ମଧ୍ୟ ପ୍ରତିଷ୍ଠା କରାଯାଇଛି। ଗତ ୧୧ ବର୍ଷ ମଧ୍ୟରେ ଚାଷୀମାନଙ୍କୁ ୨୫ କୋଟି ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଛି। ଶ୍ରୀ ମୋଦୀ କହିଛନ୍ତି, ଡାଲିରେ ଆତ୍ମନିର୍ଭରତା ମିଶନ କେବଳ ଡାଲି ଉତ୍ପାଦନ ବୃଦ୍ଧି କରିବା ପାଇଁ ନୁହେଁ ବରଂ ଦେଶର ଭବିଷ୍ୟତ ପିଢ଼ିକୁ ମଜଭୁତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

ଏହି ଅବସରରେ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ପରବର୍ତ୍ତୀ ପିଢ଼ିର ଜିଏସଟି  ସଂସ୍କାର ସହିତ, ସରକାର କୃଷି ଉପକରଣ ଉପରେ ଜିଏସ୍‌ଟି ହାର ହ୍ରାସ କରି ଚାଷୀମାନଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ସର୍ବଦା ଚାଷୀଙ୍କ ସ୍ୱାର୍ଥକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଛନ୍ତି।

କୃଷି ଉତ୍ପାଦକତା ବୃଦ୍ଧି, ଫସଲ ବିବିଧତା ଏବଂ ସ୍ଥାୟୀ କୃଷି ପଦ୍ଧତି ଗ୍ରହଣ ବୃଦ୍ଧି ଏବଂ ଜଳସେଚନ ସୁବିଧା ଉନ୍ନତ କରିବା ଲକ୍ଷ୍ୟରେ ୨୪ ହଜାର କୋଟି ଟଙ୍କା ବ୍ୟୟରେ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଆରମ୍ଭ କରାଯାଇଛି। ୧୧ ହଜାର ୪୪୦ କୋଟି ଟଙ୍କା ବ୍ୟୟରେ

ଡାଲିରେ ଆତ୍ମନିର୍ଭରତା ମିଶନ ଆରମ୍ଭ କରାଯାଇଛି। ଏହା ଡାଲିର ଉତ୍ପାଦକତା ସ୍ତରକୁ ଉନ୍ନତ କରିବା ଏବଂ ଡାଲି ଚାଷ ଅନ୍ତର୍ଗତ କ୍ଷେତ୍ରକୁ ବ୍ୟାପକ କରିବ। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ’ କୃଷି, ପଶୁପାଳନ, ମତ୍ସ୍ୟପାଳନ ଏବଂ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ୫ ହଜାର ୪୫୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପଗୁଡ଼ିକର ଉଦଘାଟନ ଏବଂ ପ୍ରାୟ ୮୧୫ କୋଟି ଟଙ୍କା ମୂଲ୍ୟର ଅତିରିକ୍ତ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି।

# ପିଏମ୍-କ୍ୱାଲକମ୍ ସିଇଓ ମିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସାମୂହିକ ଭାରତର ଭବିଷ୍ୟତ ଗଠନ ଲାଗି ଦେଶ’ ପ୍ରଯୁକ୍ତିବିଦ୍ୟା ନିର୍ମାଣ କ୍ଷେତ୍ରରେ ଅତୁଳନୀୟ ପ୍ରତିଭା ଏବଂ ଜ୍ଞାନକୌଶଳ ପ୍ରଦାନ କରେ। ଆଜି ନୂଆଦିଲ୍ଲୀଠାରେ ଶ୍ରୀ ମୋଦୀ’ କ୍ୱାଲକମର ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ରିଷ୍ଟିଆନୋ ଆର. ଆମନଙ୍କ ସହ ସାକ୍ଷାତ ଆଲୋଚନା ଅବସରରେ ଏହା କହିଛନ୍ତି। ଉଭୟ କୃତ୍ରିମ ବୁଦ୍ଧିମତ୍ତା, ନବସୃଜନ ଏବଂ ଦକ୍ଷତା ଦିଗରେ ଭାରତର ବିକାଶ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି  ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଭାରତର ସେମିକଣ୍ଡକ୍ଟର ଏବଂ କୃତ୍ରିମ ବୁଦ୍ଧିମତା ଅଭିଯାନ ଦିଗରେ କ୍ୱାଲକମର ପ୍ରତିବଦ୍ଧତାକୁ ପ୍ରଶଂସା କରିଛନ୍ତି। କ୍ୱାଲକମ ହେଉଛି ଏକ ଆମେରିକୀୟ ବହୁରାଷ୍ଟ୍ରୀୟ ନିଗମ’ ଯାହା ସେମିକଣ୍ଡକ୍ଟର ଏବଂ ବେତାର ଦୂରସଂଚାର ଉତ୍ପାଦ ଡିଜାଇନ୍ ଏବଂ ନିର୍ମାଣ ପାଇଁ ବେଶ ଜଣାଶୁଣା।

## ଜୟଶଙ୍କର-ସର୍ଗିଓ

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କର ଆଜି ନୂଆଦିଲ୍ଲୀରେ ଭାରତରେ ନିଯୁକ୍ତ ଆମେରିକାର ରାଷ୍ଟ୍ରଦୂତ ସର୍ଗିଓ ଗୋରଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ଏବଂ ଏହାର ବିଶ୍ୱସ୍ତରୀୟ ଗୁରୁତ୍ୱ ବିଷୟରେ ଆଲୋଚନା କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, ଶ୍ରୀ ଗୋରଙ୍କୁ ତାଙ୍କ ନୂତନ ଦାୟିତ୍ୱ ପାଇଁ ଶୁଭକାମନା ଜଣାଇଛନ୍ତି।

ଶ୍ରୀ ଗୋର' ବୈଦେଶିକ ସଚିବ ବିକ୍ରମ ମିଶ୍ରିଙ୍କୁ ମଧ୍ୟ ଭେଟିଛନ୍ତି। ବୈଦେଶିକ ମନ୍ତ୍ରଣାଳୟ କହିଛି, ଭାରତ-ଆମେରିକା ବ୍ୟାପକ ବିଶ୍ୱସ୍ତରୀୟ ରଣନୈତିକ ସହଭାଗିତା ଏବଂ ଏହାର ସହଭାଗୀ ପ୍ରାଥମିକତା ଉପରେ ଉଭୟଙ୍କ ମଧ୍ୟରେ ଏକ ଫଳପ୍ରଦ ଆଲୋଚନା ହୋଇଛି।

## ଇଣ୍ଡିଆ-ଟେପା

ଭାରତ-ୟୁରୋପୀୟ ମୁକ୍ତ ବାଣିଜ୍ୟ ସଂଘ– ଇ.ଏଫ୍.ଟି.ଏ' ବାଣିଜ୍ୟ ଏବଂ ଅର୍ଥନୈତିକ ସହଭାଗିତା ଚୁକ୍ତିନାମା' ଚଳିତ ମାସ ପ୍ରାରମ୍ଭରୁ କାର୍ଯ୍ୟକାରୀ ହୋଇଛି। ଦେଶର ବାହ୍ୟ ବାଣିଜ୍ୟ ନୀତିରେ ଏହା ଏକ ନିର୍ଣ୍ଣାୟକ ମୁହୂର୍ତ୍ତ। ଚାରୋଟି ବିକଶିତ ୟୁରୋପୀୟ ରାଷ୍ଟ୍ର' ସ୍ୱିଜରଲ୍ୟାଣ୍ଡ, ନରୱେ, ଆଇସଲ୍ୟାଣ୍ଡ ଏବଂ ଲିଚେନଷ୍ଟାଇନ ସହିତ ଭାରତର ଏହା ହେଉଛି ପ୍ରଥମ ମୁକ୍ତ ବାଣିଜ୍ୟ ରାଜିନାମା। ଏହି ରାଜିନାମା ଆଗାମୀ

ପନ୍ଦର ବର୍ଷ ମଧ୍ୟରେ ଭାରତରେ ୧୦୦ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ନିବେଶ ଏବଂ ୧୦ ଲକ୍ଷ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିବାର ସମ୍ଭାବନା ରହିଛି । ଦେଶର ଅର୍ଥନୈତିକ ଇତିହାସରେ ଏହା ସବୁଠାରୁ ଦୂରଦୃଷ୍ଟିପୂର୍ଣ୍ଣ ବାଣିଜ୍ୟିକ ରାଜିନାମା ।

## ଦାସ-ଇକୋନୋମି

ପ୍ରଧାନମନ୍ତ୍ରୀଙ୍କ ଦ୍ୱିତୀୟ ପ୍ରମୁଖ ସଚିବ ଶକ୍ତିକାନ୍ତ ଦାସ କହିଛନ୍ତି, ବିଶ୍ୱରେ ଚାଲିଥିବା ଅନିଶ୍ଚିତତା ମଧ୍ୟରେ ଭାରତ ଉଲ୍ଲେଖନୀୟ ପ୍ରଗତି ଏବଂ ସ୍ଥିରତା ପ୍ରଦର୍ଶନ କରିଚାଲିଛି । ଶ୍ରୀ ମିଶ୍ର କହିଛନ୍ତି, ଦେଶର ଘରୋଇ ଚାହିଦା ଏବଂ ସାମଗ୍ରିକ ଅର୍ଥନୈତିକ ବ୍ୟବସ୍ଥା ଯୋଗୁଁ ବିଶ୍ୱ ଜିଡିପି ଅଭିବୃଦ୍ଧିର ପ୍ରାୟ ଏକ-ପଞ୍ଚମାଂଶ ଯୋଗଦାନ କରିବାକୁ ପ୍ରସ୍ତୁତ ଅଛି । ପୁଣେଠାରେ ଆଜି ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି, ଜାତିସଂଘ ଏବଂ ଅନ୍ୟ ଦେଶମାନଙ୍କ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତି ଆଲୋଚନାକୁ ଦେଶ ପ୍ରାଥମିକତା  ଦେଇଛି । ନାଗରିକଙ୍କ ସର୍ବୋତ୍ତମ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିରପେକ୍ଷ ଏବଂ ସନ୍ତୁଳିତ ଚୁକ୍ତିନାମାକୁ ସୁନିଶ୍ଚିତ କରିବା ଲାଗି ଭାରତ ସର୍ବଦା ପ୍ରାଧାନ୍ୟ ଦେଇଛି ।

## ଜିତେନ୍ଦ୍ର– ଆଇଆଇପିଏ

କାର୍ମିକ, ସାଧାରଣ ଅଭିଯୋଗ ଏବଂ ପେନସନ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ଆଧାର-ସକ୍ଷମ ଡିଜିଟାଲ୍ ପରିଚୟ ପ୍ରଣାଳୀ

ଏବଂ ପ୍ରଧାନମନ୍ତ୍ରୀ ଗତିଶକ୍ତି 'ଜାତୀୟ ମାଷ୍ଟର ପ୍ଲାନ୍' ସେବା ପ୍ରଦାନ ପ୍ରଣାଳୀରେ ପରିବର୍ତ୍ତନ ଆଣିଛି। ଶ୍ରୀ ସିଂହ ନୂଆଦିଲ୍ଲୀଠାରେ ଭାରତୀୟ ଲୋକ ପ୍ରଶାସନ ସଂସ୍ଥାନର ଭାରତୀୟ ବୈଷୟିକ ଏବଂ ଅର୍ଥନୈତିକ ସହଯୋଗ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଡକ୍ଟର ସିଂହ କହିଛନ୍ତି, ସ୍ୱଚ୍ଛତା ଏବଂ ଦାୟିତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଯୁକ୍ତିବିଦ୍ୟା ସବୁଠାରୁ ସହଜ ଏବଂ ପ୍ରଭାବଶାଳୀ ଉପକରଣ ପାଲଟିଛି।

## ସିକିମ୍-ଗଭର୍ଣ୍ଣର ଫ୍ଲାଗ୍

ସିକିମର ରାଜ୍ୟପାଳ ଓମ ପ୍ରକାଶ ମାଥୁର ଆଜି ସିକିମର ବରଦାଙ୍ଗରେ ସିକିମ ପ୍ରେରଣା ସ୍ଥଳରେ ୭୦ ଫୁଟ ଉଚ୍ଚ ଜାତୀୟ ପତାକାକୁ ଉଦଘାଟନ କରିଛନ୍ତି। ଏହି ସ୍ମାରକୀ ଜାତୀୟ ପତାକା ଭାରତୀୟ ସେନା, ପର୍ଯ୍ୟଟନ ବିଭାଗ, ସିକିମ ସରକାରଙ୍କ ସହଯୋଗରେ ସ୍ଥାପନ କରାଯାଇଛି। ସିକିମ ପ୍ରେରଣା ସ୍ଥଳ ପରିସରରେ ସ୍ଥାନିତ ଏହି ସ୍ମାରକୀ ଜାତୀୟ ପତାକା ରାଷ୍ଟ୍ର ପାଇଁ ଏକତା, ଗର୍ବ ଏବଂ ସମ୍ମାନର ପ୍ରତୀକ ଭାବରେ ଦଣ୍ଡାୟମାନ ହୋଇଛି।

## ନର୍ଥ କୋରିଆ- ମିସାଇଲ୍

ଉତ୍ତର କୋରିଆର ରାଷ୍ଟ୍ରପତି କିମ୍ ଜୋଙ୍ଗ ଉନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମରିକ ପରେଡରେ ଦେଶର ଅତ୍ୟାଧୁନିକ ଏବଂ ଆନ୍ତଃମହାଦେଶୀୟ ଶକ୍ତିଶାଳୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ହ୍ୱାସଙ୍ଗ-୨୦

ଉନ୍ମୋଚିତ ହୋଇଛି। ଗତକାଲି ଅନୁଷ୍ଠିତ ପରେଡରେ ରୁଷ ସୁରକ୍ଷା ପରିଷଦର ଉପ-ସଭାପତି ଦିମିତ୍ରୀ ମେଦଭେଦେବଙ୍କ ସମେତ ଆନ୍ତର୍ଜାତୀୟ ସ୍ତରର ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଉତ୍ତର କୋରିଆର ସବୁଠାରୁ ଶକ୍ତିଶାଳୀ ପରମାଣୁ ରଣନୈତିକ ଅସ୍ତ୍ର ଭାବରେ ଜଣାଶୁଣା ହ୍ୱାସଙ୍ଗ-୨୦ ଆମେରିକାର ପ୍ରମୁଖ ସ୍ଥଳୀଗୁଡ଼ିକୁ ଲକ୍ଷ୍ୟଭେଦ କରିପାରିବାର କ୍ଷମତା ରହିଛି।

# ମେକ୍ସିକୋ-ଫ୍ଲଡ୍

ମେକ୍ସିକୋରେ ବନ୍ୟା ଓ ଭୂସ୍ଖଳନ ଯୋଗୁଁ ୨୭ ଜଣଙ୍କର ମୃତ୍ୟୁ ଘଟିଛି। କେତେକ ଅଞ୍ଚଳରେ ଘର, ଯାନବାହାନ ଏବଂ ପୋଲ ଭାସିଯିବା ସୂଚନା ମିଳିଛି। ପୂର୍ବ ମେକ୍ସିକୋର ହିଡାଲଗୋ' ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ବହୁସଂଖ୍ୟାରେ ବାସଗୃହ କ୍ଷତିଗ୍ରସ୍ତ ହେବା ସହ ଯାତାୟତ ବିଚ୍ଛିନ୍ନ ହୋଇଛି।

ମେକ୍ସିକୋର ରାଷ୍ଟ୍ରପତି କ୍ଲାଉଡିଆ ସେନବାଉମ୍' ରିଲିଫ୍ କାର୍ଯ୍ୟ ପାଇଁ ୫ ହଜାର ୪୦୦ କର୍ମଚାରୀଙ୍କୁ ନିୟୋଜିତ କରିଛନ୍ତି। ୩ ହଜାର ୩୦୦ ନୌସେନା କର୍ମଚାରୀ ଉଦ୍ଧାର କାର୍ଯ୍ୟରେ ସାମିଲ ଅଛନ୍ତି। ପୁଏବଲା ରାଜ୍ୟରେ ଖରାପ ପାଗ ଯୋଗୁଁ ୮୦ ହଜାର ଲୋକ ପ୍ରଭାବିତ ହୋଇଥିବା ସୂଚନା ମିଳିଛି।

# ଟେଷ୍ଟ କ୍ରିକେଟ

ନୂଆଦିଲ୍ଲୀରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଇନିଂସର ଦ୍ୱିତୀୟ ଦିନର ଖେଳ ଶେଷ ସୁଦ୍ଧା ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସରେ ୪ ଓ୍ୱିକେଟ୍ ବିନିମୟରେ ୧୪୦ ରନ୍ ସଂଗ୍ରହ କରିଛି । ଆଜି ସନ୍ଧ୍ୟାରେ ଖେଳ ଶେଷ ହେବା ବେଳକୁ ଶାଇ ହୋପ୍ ୩୧ ରନ୍ ଏବଂ ଟେଭିନ୍ ଇମଲାଚ୍ ୧୪ ରନ୍ କରି ଅପରାଜିତ ଅଛନ୍ତି ।

ଭାରତ' ଯଶସ୍ୱୀ ଜୟସ୍ୱାଲ ଏବଂ ଅଧିନାୟକ ଶୁଭମନ ଗିଲ୍ ଚମତ୍କାର ଶତକ ବଳରେ ୫ ଓ୍ୱିକେଟ୍ ବିନିମୟରେ ୫୧୮ ରନ୍ କରି ତାର ଇନିଂସ ଘୋଷଣା କରିଥିଲା । ଜୟସଓ୍ୱାଲ ୧୭୫ ରନ୍ କରି ଆଉଟ ହୋଇଥିଲେ । ଅପରପକ୍ଷେ ଗିଲ୍ ୧୨୯ ରନ୍ କରି ଅପରାଜିତ ରହିଥିଲେ ।

# ଓ୍ୱିମେନ୍ସ ଓ୍ୱାର୍ଲଡ କପ୍

ଆଇସିସି ମହିଳା ଏକଦିବସୀୟ କ୍ରିକେଟ୍ ବିଶ୍ୱକପ୍‌ରେ ଇଂଲଣ୍ଡ ଦଳ ୯ ଓ୍ୱିକେଟ୍ ହରାଇ ୨୫୩ ରନ୍ ସଂଗ୍ରହ କରିଛି । ଶ୍ରୀଲଙ୍କା ପାଇଁ ୨୫୪ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି । କଲମ୍ବୋର ଆର. ପ୍ରେମଦାସା ଷ୍ଟାଡିୟମ୍‌ରେ ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଚାଲିଥିବା ମ୍ୟାଚ୍‌ରେ ଶ୍ରୀଲଙ୍କା ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଇଂଲଣ୍ଡର ନାଟ୍ ସାଇଭର-ବ୍ରଣ୍ଟ ସର୍ବାଧିକ ୧୧୭ ରନ୍ ସଂଗ୍ରହ କରିଛନ୍ତି ।